## ଡାକ୍ତରବାଞ୍ଜିରି ଗ୍ରାମ ବିକ୍ରିକୁ ନେଇ ଥମିନି ଚର୍ଚ୍ଚା

# ସାତମାଇଲ-କୁଡୁଡ଼ା ଗ୍ରାମ ବିକ୍ରି ମସୁଧା; ଚିନ୍ତାରେ ଗ୍ରାମବାସୀ

**ପାରଳାଖେମୁଣ୍ଡି/ଗୋଷାଣି,୩୧।୭ (ସମିସ)**

ଗଜପତି ଜିଲ୍ଲା ଗୋଷାଣି ବ୍ଲକରେ ଗ୍ରାମ ବିକ୍ରି ଘଟଣା ବୃଦ୍ଧି ପାଇଛି। ଏହା ରାଜ୍ୟରେ ଶିରୋନାମା ପାଲଟିଛି। କିଛିଦିନ ପୂର୍ବେ ଗୋଷାଣି ବ୍ଲକ କତଲକଇଠା ପଞ୍ଚାୟତ ଡାକ୍ତରବାଞ୍ଜିରି ଗ୍ରାମ ବିକ୍ରିକୁ ନେଇ ଚର୍ଚ୍ଚା ଥମି ନ ଥିବା ବେଳେ ଆଉ ଏକ ଗ୍ରାମ ଉକ୍ତ ବ୍ଲକର କିଣାବିକା ପାଇଁ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଗୋଷାଣି ବ୍ଲକ ବାଘଶାଳା ପଞ୍ଚାୟତ କୁଡୁଡା ମୌଜାର ଖାତା ନଂ.୭୧ରେ ୪୩ ଏକର ଜାଗାର ଚିହ୍ନଟ ପ୍ରକ୍ରିୟା ପ୍ରାୟ ଦେଢମାସ ହେବ ଶେଷ ହେବା ପରେ ଚର୍ଚ୍ଚାକୁ ଆସିଛି। ଏହି ଖାତାରେ ୮୬ଟି ପ୍ଲଟ ଘର ଓ ଚାଷ ଜମି ରହିଛି। ଦେଢମାସ ପୂର୍ବେ ପୁଲିସ ଉପସ୍ଥିତିରେ ହୋଇଥିବା ଚିହ୍ନଟ ପ୍ରକ୍ରିୟା ପରେ ପୁରୁଷ ପୁରୁଷ ଧରି ଏଠାରେ ଚାଷ କରୁଥିବା ଚାଷୀ ଏବଂ ଘର କରିଥିବା ଲୋକଙ୍କୁ ଏହା ଏକ ବ୍ୟକ୍ତିଗତ ଜାଗା ସେଠାରେ ଚାଷ କରିବା ଓ ରହିଥିବା ଘର ମରାମତି କିମ୍ବା ନିର୍ମାଣ ବେଆଇନ ବୋଲି ରାଜସ୍ୱ ବିଭାଗ ପକ୍ଷରୁ କୁହାଯାଇଛି। ଏହି ଖାତାରେ ସାତମାଇଲ ଗ୍ରାମର ବହୁ ଘର, ଜାତୀୟ ରାଜପଥ-୩୨୬-ଏ ଓ ପୂର୍ତ୍ତ ବିଭାଗର ରାସ୍ତା ରହିଛି। ଏପରିକି ଏହି ଖାତା ନମ୍ବର ମଧ୍ୟରେ ଅନେକ ଦୋକାନ, ବାସଗୃହ, ମନ୍ଦିର ଓ ଚାଷ ଜମି ରହିଛି। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ କିଛି ଚାଷ ଜମି ଓ ଘର କିଣାବିକା ମଧ୍ୟ ହୋଇଛି।

ପ୍ରଭାବିତଙ୍କ କହିବାକଥା ହେଲା ଶତାଧିକ ବର୍ଷ ଓ ତିନି ପୁରୁଷ ଧରି ସେମାନେ ଚାଷବାସ କରିବା ସହ ରାଜସ୍ୱ ପୈଠ କରି ଆସୁଛନ୍ତି। କିନ୍ତୁ ନିକଟ ଅତୀତରେ ରାଜସ୍ୱ ନିଆଯାଇ ନାହିଁ ଏବଂ ଜଣେ ଆଇନଜୀବୀ ଏହି ଖାତାର ପାୱାର ଅଫଆଟୋର୍ଣ୍ଣି ତାଙ୍କ ପାଖରେ ଅଛି ଏବଂ ଏହି ଖାତା ଅନ୍ତର୍ଗତ ସମସ୍ତ ଚାଷ ଜମି, ଘର ଇତ୍ୟାଦିକୁ ଆପୋଷ ବୁଝାମଣାରେ ଛାଡିବା ପାଇଁ ପ୍ରବର୍ତ୍ତାଇବା ଆରମ୍ଭ କରିଛନ୍ତି। ବାଘାଶାଳା ପଞ୍ଚାୟତର କୁଡୁଡା ମୌଜା ଖାତା ନମ୍ବର ୭୧ ବିକ୍ରି ପାଇଁ ପ୍ରସ୍ତୁତି



### ପ୍ରଭାବିତଙ୍କୁ ଭେଟିଲେ ପାରଳାଖେମୁଣ୍ଡି ବିଧାୟକ

ବିଷୟରେ ସୂଚନା ପାଇ ବିଧାୟକ ଇ.ରୂପେଶ କୁମାର ପାଣିଗ୍ରାହୀ ପହଞ୍ଚି ପ୍ରଭାବିତ ଚାଷୀ ଓ ସ୍ଥାନୀୟ ବାସିନ୍ଦାଙ୍କୁ ଭେଟିଥିଲେ। ଖାତା ନମ୍ବର ୭୧ର ୮୬ଟି ପ୍ଲଟରେ ବହୁଚାଷୀ ଚାଷ କରୁଥିବା ବେଳେ ସ୍ଥାନୀୟ ଅଞ୍ଚଳବାସୀ ଘର ମଧ୍ୟ ନିର୍ମାଣ କରିଛନ୍ତି। ଶହ ଶହ ବର୍ଷ ଧରି ପୁରୁଷାନୁକ୍ରମେ ଚାଷ ଓ ବାସ ଉଭୟ ଏହି ଖାତା ନମ୍ବରରେ ଥିବା ପ୍ଲଟରେ ହୋଇଛି। ଡାକ୍ତରବାଞ୍ଜିରି ପରେ ଏହା ଏକ ନୂଆ ଘଟଣା ଯାହା ଦର୍ଶାଉଛି ପ୍ଲଟ ମାଫିଆଙ୍କ ଲୋଲୁପ ଦୃଷ୍ଟି ଗଜପତି ଜିଲ୍ଲା ଉପରେ ପଡିଛି ଯାହାକୁ ଆଦୌ ସଫଳ କରାଯିବ ନାହିଁ ବୋଲି ବିଧାୟକ କହିଛନ୍ତି। ଏପରିକି ଯେଉଁମାନେ ଦଖଲରେ ରହିଛନ୍ତି ସେମାନଙ୍କ ଥଇଥାନ ବ୍ୟବସ୍ଥା କରିବାକୁ ସରକାରଙ୍କୁ ଅନୁରୋଧ କରିଛନ୍ତି। ପ୍ରଭାବିତଙ୍କ ସହ ବିଧାୟକ ଦୀର୍ଘ ସମୟର ଆଲୋଚନା କରିବା ସହ ସାହାସ ଦେଇଛନ୍ତି। ରାଜ୍ୟର ଅନ୍ୟ ଅଞ୍ଚଳ ଓ ପଡୋଶୀ ଆନ୍ଧ୍ର ପ୍ରଦେଶରେ ଏହିପରି ବଡ ବଡ ଜାଗା ବିକ୍ରୟ ଘଟଣା ଦେଖିବାକୁ ମିଳୁଥିଲା। ବର୍ତ୍ତମାନ ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀରେ ଦେଖିବାକୁ ମିଳିଛି ବୋଲି ବିଧାୟକ କହିଛନ୍ତି। ଦୀର୍ଘଦିନ ଧରି ଲୋକେ ଚାଷବାସ କରିବା ସହ ବିଜୁଳି ବିଲ୍, ଘରପାନୁ ଓ ଚାଷ ଜମି ପାଇଁ ରାଜସ୍ୱ, ଜଳକର ସମେତ ସରକାରଙ୍କ ବିଭିନ୍ନ ଯୋଜନାରେ ଉପକୃତ ହୋଇ ଆସୁଥିଲେ ମଧ୍ୟ ୭୧ ନମ୍ବର ଖାତାର ମାଲିକାନା ଥିବା ବ୍ୟକ୍ତି ବିଶେଷ ଚୁପ ରହିଥିଲେ କାହିଁକି ଏବଂ ଶତାଧିକ ବର୍ଷ ଧରି କେଉଁଠି ଥିଲେ ବୋଲି ବିଧାୟକ ପ୍ରଶ୍ନ କରିଛନ୍ତି। ଡାକ୍ତରବାଞ୍ଜିରି ହେଉ କି ସାତମାଇଲ ବିକ୍ରି ହେବାକୁ ଦିଆଯିବ ନାହିଁ ଏବଂ ପ୍ରଭାବିତଙ୍କ ସହ ବିଜେଡ଼ି ଠିଆ ହେବ ବୋଲି ବିଧାୟକ ଶ୍ରୀ ପାଣିଗ୍ରାହୀ କହିଛନ୍ତି। ଏହି ୪୩ ଏକର ଚାଷଜମିର ମାଲିକାନା ଅନୁସୂଚିତ ଜନଜାତି ବର୍ଗର ହୋଇଥିବାରୁ ନିୟମ ଅନୁସାରେ ଏହାକୁ କୌଣସି ଅନ୍ୟ ଜାତି ବର୍ଗଙ୍କୁ ବିକ୍ରୟ, ହସ୍ତାନ୍ତର, ଦାନ କରାଯାଇପାରିବ ନାହିଁ। ଗ୍ରାମବାସୀ ଏହି ଖାତା ନମ୍ବରର ୮୬ ଗୋଟି ପ୍ଲଟରେ ଦଖଲରେ ରଖିଥିବା ଲୋକଙ୍କୁ ସରକାରୀ ମୂଲ୍ୟରେ ପ୍ରକୃତ ମାଲିକ ବିକ୍ରୟ କରିବା ପାଇଁ ଅନୁରୋଧ କରିଛନ୍ତି।

ଅନୁସନ୍ଧାନରୁ ଜଣାପଡିଛି ଯେ ପୁଲିସ ଉପସ୍ଥିତିରେ ଜୁଲାଇ ପହିଲା ଦିନ ରାଜସ୍ୱ ବିଭାଗ ଖାତା ନମ୍ବର ୭୧ର ଡିମାର୍କେସନ୍ କରାଯିବା ସହ ଉପଜିଲ୍ଲାପାଳଙ୍କୁ ରିପୋର୍ଟ ପ୍ରଦାନ କରାଯାଇଥିଲା ଏବଂ ଏହି ଡିମାର୍କେସନ୍ ପାଇଁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ହିଁ ନିର୍ଦ୍ଦେଶ ଆସିଥିବା ଜଣେ ରାଜସ୍ୱ ବିଭାଗର ଅଧିକାରୀ ନିଜ ନାମ ଗୋପନ ସର୍ତ୍ତରେ ଜଣାଇଛନ୍ତି। ପଟାଦାରଙ୍କ ପାୱାର ଅଫ୍ ଏଟୋର୍ନି ଆଣିଥିବା ବ୍ୟକ୍ତି ଜଣକ କିଏ ତାଙ୍କ ପରିଚୟ କଣ ରାଜସ୍ୱ ବିଭାଗର କୌଣସି ଅଧିକାରୀଙ୍କୁ ପଚାରିଲେ ଉତ୍ତର ମିଳୁନାହିଁ। ଏ ସମ୍ପର୍କରେ ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡାଙ୍କୁ ଯୋଗାଯୋଗ କରାଯିବାରୁ ମେ' ୨୩ ଓ ଜୁଲାଇ ୪ରେ ଦୁଇଟି ଶୁଣାଣି ହୋଇ ସାରିଥିବା ବେଳେ ଅଗଷ୍ଟ ମାସରେ ଆଉ ଗୋଟିଏ ଶୁଣାଣି ତାରିଖ ଧାର୍ଯ୍ୟ ହୋଇଛି। କିନ୍ତୁ ଏହି ଶୁଣାଣି ଖାତାଧାରୀ ମାଲିକ ଓ ଦଖଲକାରୀଙ୍କ ମଧ୍ୟରେ ହେଉଛି ନା ଅନୁସୂଚୀତ ଜନଜାତି ସ୍ଥଳ ଜବରଦଖଲକୁ ନେଇ ହେଉଛି ନା କ୍ରୟବିକ୍ରି ପାଇଁ ହେଉଛି ସେନେଇ କୌଣସି ସୂଚନା ପ୍ରଦାନ କରିନାହାନ୍ତି।

## ପଞ୍ଚମ ଶ୍ରେଣୀ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଫୁଲବାଣୀ,୩୧।୭ (ସମିସ):** ସ୍ଥାନୀୟ ଟାଉନ୍ ଥାନା ଅନ୍ତର୍ଗତ ପିଅନପଡ଼ା ଅଞ୍ଚଳରେ ଜନୈକା ପଞ୍ଚମ ଶ୍ରେଣୀ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ସନ୍ଦେହଜନକ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଆଜି ଏହି ଘଟଣାରେ ତାଙ୍କ ପିଉସୀ ପୁଅ ଭାଇ ଜଡିତ ଥିବାବେଳେ ତାକୁ ପୁଲିସ ସୁଧାରଗୃହକୁ ପଠାଇଛି।

### ହତ୍ୟାରେ ନାବାଳକ ଭାଇ ଜଡ଼ିତ

ସୂଚନା ଅନୁଯାୟୀ, ପିଅନପଡ଼ା ସତ୍ୟସାଇ ନିବାସ ଲାଇନର ଜନୈକା ନାବାଳିକା ଘର ଭିତରେ ବେକରେ ଗାମୁଛା ଦେଇ ଝୁଲିବା ଅବସ୍ଥାରେ ଉଦ୍ଧାର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଟାଉନ୍ ଥାନା ପୁଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଥିଲା। ବୁଧବାର ମୃତକଙ୍କ ବାପା ଝିଅକୁ ହତ୍ୟା କରାଯାଇଥିବା ନେଇ ଟାଉନ ଥାନାରେ ଏତଲା ଦେଇଥିଲେ। ଏତଲା ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ନାବାଳିକାଙ୍କ ଭାଇଙ୍କୁ ଅଟକ ରଖି ପଚରାଉଚରା କରିବା ପରେ ପାରିପାର୍ଶ୍ୱିକ ସ୍ଥିତିରୁ ନାବାଳିକାଙ୍କୁ ହତ୍ୟା କରିଥିବା ପ୍ରମାଣ ମିଳିଥିବା କହିଛନ୍ତି ଟାଉନ ଥାନା ଅଧିକାରୀ ପି. ସ୍ୱରୂପ କିଶନ। ଅଭିଯୁକ୍ତ ନାବାଳକଙ୍କୁ ଆଜି ସୁଧାର ଗୃହକୁ ପଠାଇ ଦିଆଯାଇଛି। ଏ ନେଇ ଅଧିକ ତଦନ୍ତ ଚାଲିଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

## ଯୌନ ଉତ୍ପୀଡ଼ନ ନିବାରଣ କର୍ମଶାଳା




**ଜି.ଉଦୟଗିରି,୩୧।୭ (ସମିସ):** ଜି.ଉଦୟଗିରି ଇନ୍ଦିରା ପ୍ରିୟଦର୍ଶିନୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ କିପରି ଯୌନ ଉତ୍ପୀଡ଼ନରୁ ରକ୍ଷା ପାଇବେ ସେ ନେଇ ବୁଧବାର ସଚେତନତା କର୍ମଶାଳା ଅଧ୍ୟକ୍ଷ ଶିବରାମ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ସ୍ଥାନୀୟ ପୁଲିସ ଉପଖଣ୍ଡ ଅଧିକାରୀ ବିଜୟ କୁମାର ବିଶି ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଆଇନଜୀବୀ ତଥା ପୂର୍ବତନ ରାଜ୍ୟ ମହିଳା କମିଶନ ସଦସ୍ୟା ଜାଲିନା ପ୍ରିୟଦର୍ଶିନୀ ଯୋଗ ଦେଇଥିଲେ। ଯୌନ ଉତ୍ପୀଡ଼ନକୁ ରୋକିବା ଓ ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ଗଠିତ ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ନୋଡାଲ ଅଫିସର ତଥା ଓଡ଼ିଆ ବିଭାଗର ବରିଷ୍ଠ ଅଧ୍ୟାପିକା ଡ.ବବିତା ରାଣୀ ପଟ୍ଟନାୟକ ଆୟୋଜିତ କର୍ମଶାଳାର ଆଭିମୁଖ୍ୟ ନେଇ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ସରକାରଙ୍କ ପୋଷ୍ ଆଇନ ବିଷୟରେ ଛାତ୍ରୀଙ୍କୁ ଅବଗତ କରିଥିଲେ। ଛାତ୍ରୀଙ୍କ ସୁରକ୍ଷା ପ୍ରସଙ୍ଗରେ ନୋଡାଲ ଅଫିସର ଏବଂ ଆଇସିସି ସଦସ୍ୟା ମିନତୀ କୁମାରୀ ଦାସ, ସୁଧାରାଣୀ ପାତ୍ର, ସସ୍ମିତା ଦାସ ଓ ମୁଖ୍ୟବକ୍ତା ପରାମର୍ଶ ଦେଇଥିଲେ। ଛାତ୍ରୀ ସଦସ୍ୟା ଭାବେ ଟ୍ୱିଙ୍କିଲ ପ୍ରଧାନ ଓ ରାଜଲକ୍ଷ୍ମୀ ସାହୁ ମତ ରଖିଥିଲେ। କମିଟି ନୋଡାଲ ଅଫିସର ଶେଷରେ ଛାତ୍ରୀଙ୍କୁ ନିଜ ସୁରକ୍ଷା ପାଇଁ କଣ କରିବା ଉଚିତ୍ ଓ କଣ ନ କରିବା ଉଚିତ୍ ସେ ନେଇ ଶପଥ ପାଠ କରାଇଥିଲେ।

## ଜିଲ୍ଲାପାଳଙ୍କ ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା



**ବାଲିଗୁଡା,୩୧।୭ (ସମିସ):** କନ୍ଧମାଳରେ ନୂତନ ଜିଲ୍ଲାପାଳ ଭାବେ ଯୋଗ ଦେବାର କିଛି ଦିନ ମଧ୍ୟରେ ଦୁର୍ଗମ କୋଟଗଡ଼ ଗସ୍ତରେ ଆସି ଅଞ୍ଚଳର ବିଭିନ୍ନ ବିଭାଗ ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିଛନ୍ତି ଜିଲ୍ଲାପାଳ ବେଦ ଭୂଷଣ। ଜଲ୍ଲାପାଳ ପ୍ରଥମେ କୋଟଗଡ଼ ବ୍ଲକ କାର୍ଯାଳୟରେ ପହଞ୍ଚିବା ପରେ ଗୋଷ୍ଠୀ ଉନୟନ ଅଧିକାରୀ ଶୁଭକାନ୍ତ ନାୟକ ଓ ବ୍ଲକ ଅଧକ୍ଷା ପିଙ୍କି କହଁର ସ୍ୱାଗତ ଜଣାଇବା ସହିତ ଅଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ ବିଷୟରେ ଆଲୋଚନା କରିଥିଲେ। ଜିଲ୍ଲାପାଳ ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ଦେଇ ଦୁର୍ଗାପଙ୍ଗା ପଞ୍ଚାୟତ ଗସ୍ତ କରି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ଥିତି ଅନୁଧ୍ୟାନ କରିଥିଲେ ଏବଂ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟକୁ ଯାଇ ପରିବେଶ ଓ ଶିକ୍ଷା ଉପରେ ଦେଖି ପିଏ ଆଇଟିଡିଏ କୃପାସିନ୍ଧୁ ବେହେରାଙ୍କୁ ପଚାରି ବୁଝିଥିଲେ। ଝାମଝୁରର ମନରେଗା ରାସ୍ତା କାମ ପରିଦର୍ଶନ କରଥିଲେ। କୋଟଗଡ ଜଳ ପରିମଳ ବିଭାଗ କୋଟଗଡ଼ରେ ପାଣି ଟାଙ୍କିର କିପରି କାର୍ଯ୍ୟ ହେଇଛି ତାହା ଦେଖିବା ସହ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। କୋଟଗଡ଼ ପରିଦର୍ଶନ ପରେ ତୁମୁଡ଼ିବନ୍ଧ ବ୍ଲକ କାର୍ଯ୍ୟାଳୟକୁ ଯାଇ ବ୍ଲକର ଉନ୍ନତିମୂଳକ କାର୍ଯ୍ୟ ଉପରେ ବିଡ଼ିଓ ବନବିହାରୀ ହରପାଳଙ୍କ ସହିତ ବିଭିନ୍ନ ବିକାଶ ମୂଳକ ଉପରେ ଆଲୋଚନା କରିଥିଲେ।

## ସ୍ୱାଧୀନତା ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ

**ଦାରିଙ୍ଗବାଡି,୩୧।୭ (ସମିସ):** ଦାରିଙ୍ଗବାଡି ବ୍ଲକ ସଭାଗୃହରେ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବିଡିଓ ପ୍ରୀତିରଞ୍ଜନ ରଥଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିବା ବେଳେ ବିଏସଏସଓ କ୍ଷୀତିଶ ପ୍ରିୟଦର୍ଶୀ ସାହୁ ପରିଚାଳନା କରିଥିଲେ। ଗତବର୍ଷ ସାଧାରଣତନ୍ତ୍ର ଦିବସ ପାଳନର ବିବରଣୀ ପଠନ କରି କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇଥିଲା। ପରେ ଆସନ୍ତା ସ୍ୱାଧୀନତା ଦିବସ କିଭଳି ଆଡ଼ମ୍ବର ସହକାରେ ପାଳନ ହେବ ତାକୁ ନେଇ ପୂର୍ବରୁ ଥିବା ବିଭିନ୍ନ କମିଟିକୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ସମସ୍ତଙ୍କୁ କାର୍ଯ୍ୟକ୍ରମରେ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ବିଡ଼ିଓ ନିବେଦନ କରିଥିଲେ। ଜି.ଉଦୟଗିରି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପତାକା ଉତ୍ତୋଳନ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ବୈଠକରେ ଡିଏସପି ତଥା ଥାନା ଅଧିକାରୀ କନକ ମାଝୀ, ସିଡିପିଓ ସନ୍ଧ୍ୟାରାଣୀ ପଣ୍ଡା, ସହକାରୀ ନିର୍ବାହୀ ଯନ୍ତ୍ରୀ ସଞ୍ଜୟ ରଥ, ଜିପିଡିଓ ସୁରେଶ ପଣ୍ଡା, ଆସିଷ୍ଟାଣ୍ଟ ଷ୍ଟେସନ ଅଧିକାରୀ ଧବଳେଶ୍ୱର ପ୍ରଧାନ, ଏପିଓ କେଦାର ଚନ୍ଦ୍ର ପଣ୍ଡା, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିଶ୍ୱଜିତ ଜାଲିଙ୍କ ସମେତ ବ୍ଲକ କର୍ମଚାରୀ, ଶିକ୍ଷକ, ଶିକ୍ଷୟତ୍ରୀ, ଜାଗୃତି କର୍ମକର୍ତ୍ତା, ବଣିକ ସଂଘ, ହୋଟେଲ ମାଲିକ ସଂଘ ସହ ଅନ୍ୟାନ୍ୟ ସଂଘ କର୍ମକର୍ତ୍ତା ଯୋଗ ଦେଇଥିଲେ।

## ନୂତନ ଜିଲ୍ଲାପାଳଙ୍କୁ ଚିତ୍ରକରଙ୍କ ନିଆରା ସ୍ୱାଗତ



**ଫୁଲବାଣୀ,୩୧।୭ (ସମିସ):** କନ୍ଧମାଳର ନୂତନ ଜିଲ୍ଲାପାଳ ବେଦଭୂଷଣଙ୍କୁ ଅଭିନବ ଢଙ୍ଗରେ ସ୍ୱାଗତ ଜଣାଇଛନ୍ତି ଚିତ୍ରକର ପ୍ରସାଦ ସୋନୁ। ଫୁଲବଣୀର ଯୁବ ଚିତ୍ରଶିଳ୍ପୀ ପ୍ରସାଦ ସୋନୁ ଜିଲ୍ଲାପାଳଙ୍କ ଏକ ଚିତ୍ର ପ୍ରସ୍ତୁତ କରି ତାଙ୍କୁ ସ୍ୱାଗତ ଜଣାଇଛନ୍ତି। ଜିଲ୍ଲାପାଳ ତାଙ୍କୁ ସାଧୁବାଦ ଜଣାଇବା ସହ ଆଗକୁ ଶିକ୍ଷା ଓ ଚିତ୍ର କଳା ଦିଗରେ କ'ଣ ଲକ୍ଷ୍ୟ ରହିଛି ବୋଲି ପଚାରିବା ସହ ପାଠପଢା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ବୋଲି ପରାମର୍ଶ ଦେଇଥିଲେ। ଏଥିପୂର୍ବରୁ ପ୍ରସାଦ ପୂର୍ବତନ ଜିଲ୍ଲାପାଳ ବୃନ୍ଦା. ଡି, ଆଶିଷ ଈଶ୍ୱର ପାଟିଲ, ଅମୃତ ଋତୁରାଜଙ୍କୁ ମଧ୍ୟ ତାଙ୍କର ଚିତ୍ର ଉପହାର ଦେଇ ସ୍ୱାଗତ କରିଥିଲେ।

## କଳିଙ୍ଗ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗର ଆଲୋଚନାଚକ୍ର



**ଜି.ଉଦୟଗିରି,୩୧।୭ (ସମିସ):** ଜି.ଉଦୟଗିରି ସ୍ଥିତ କଳିଙ୍ଗ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗର ଏକ ଆଲୋଚନାଚକ୍ର ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରସନ୍ନ କୁମାର ନାୟକଙ୍କ ସଭାପତିତ୍ୱରେ ଓ ଅଧ୍ୟାପକ ଡ଼. ରାଜେଶ ବାଗ୍‌ଙ୍କ ତତ୍ତ୍ୱାବଧାନରେ ତଥା ଅଧ୍ୟାପକ ମଦନ ମୋହନ ବଣ୍ଠୋରଙ୍କ ସହଯୋଗରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟବକ୍ତା ଭାବେ ସମାଜବିଜ୍ଞାନୀ ସୁଧୀର କୁମାର ପଟ୍ଟନାୟକ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସମସାମୟିକ ସମୟରେ ସାମାଜିକ ସମସ୍ୟାକୁ କିଭଳି ଚିହ୍ନଟ, ଉପସ୍ଥାପନ ଏବଂ ସେ ଦିଗରେ କିପରି ସଚେତନତା କରାଯାଇପାରିବ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ରାଜନୀତି ବିଜ୍ଞାନର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ବର୍ଷର ବହୁ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ମହିଳା ଯୌନ ଶୋଷଣ ନିଷେଧ ସଚେତନତା କାର୍ଯ୍ୟକ୍ରମ



**ଦାରିଙ୍ଗବାଡ଼ି,୩୧।୭ (ସମିସ):** କନ୍ଧମାଳ ଜିଲ୍ଲା ତାଲୁକା ଆଇନ ସେବା କମିଟି ଦାରିଙ୍ଗବାଡ଼ି ପକ୍ଷରୁ ବ୍ଲକ ସଭାଗୃହରେ ବୁଧବାର କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କୁ ଯୌନ ଶୋଷଣ ନିଷେଧ, ନିରାକରଣ ଓ ନିରାକରଣ ଆଇନ ସମ୍ବନ୍ଧୟ ଏକ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଦାରିଙ୍ଗବାଡ଼ି ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ତଥା ତାଲୁକା ଆଇନ ସେବା କମିଟିର ଅଧ୍ୟକ୍ଷା ମଧୁସ୍ମିତା ନାୟକ ଯୋଗଦେଇ ସଚେତନ କରିଥିଲେ। ସମ୍ମାନୀତ ଅତିଥି ଭାବେ ବରିଷ୍ଠ ସରକାରୀ ଓକିଲ ଉମେଶ କର, ଓକିଲ ସଙ୍ଘ ସମ୍ପାଦକ ଇନ୍ଦ୍ରମଣୀ ପ୍ରଧାନ ଓ ସହକାରୀ ନିର୍ବାହୀଯନ୍ତ୍ରୀ ସଞ୍ଜୟ ରଥ ଉପସ୍ଥିତ ଥିଲେ। ମୁଖ୍ୟ କିରାଣି ଧନମାଳି ପ୍ରଧାନ, କ୍ୟାସିୟର ବିଭୁତି ଭୂଷଣ ସାହୁଙ୍କ ସମେତ ସହକାରୀ ଯନ୍ତ୍ରୀ ତୁଷାର ରଞ୍ଜନ ସେଠୀ, କନିଷ୍ଠ ଯନ୍ତ୍ରୀ ଧୀରେନ ସେଠୀ, ସୁଶାନ୍ତ ପ୍ରଧାନ, କୋମଳ ପାତ୍ର, ମନୋଜ ପୃଷ୍ଟି, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଅନ୍ୟମାନେ ଯୋଗ ଦେଇଥିଲେ।

## ଥାନା ଜମିରେ ଆବାସ ଗୃହ ନିର୍ମାଣ



**ଦାରିଙ୍ଗବାଡି,୩୧।୭ (ସମିସ):** ଥାନା ଜମିରେ ଅମାନିଆ ଭାବେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ନିର୍ମାଣ କରିଛନ୍ତି ହିତାଧିକାରୀ। ଥାନା ଜମିରେ ଘର କରିବାକୁ ଅନୁମତି କିଏ ଦେଲା ତାକୁ ନେଇ ବର୍ତ୍ତମାନ ପ୍ରଶ୍ନ ଉଠିଛି। ଏଭଳି କିଛି ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ଥାନା ଜମି ପରିସରରେ। ବର୍ତ୍ତମାନ ଥାନା ଜମି ଚାରିପାଖରେ ପାଚେରି ନିର୍ମାଣ କାର୍ଯ୍ୟ ଚାଲିଛି। ହେଲେ ଥାନା ଜମି ମଧ୍ୟରେ ଆବାସ ଘର ନିର୍ମାଣ ହୋଇଥିବା ବେଳେ ଥାନା ଚାରି ପାଖରେ ପାଚେରି ନିର୍ମାଣ ହେଉଛି। ଦାରିଙ୍ଗବାଡିର ସୁରିଆ ମହାପାତ୍ର ୨୦୨୧-୨୨ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ପାଇଥିଲେ। ସରକାରୀ ନିୟମ ପ୍ରକାରେ ନିଜ ପଟ୍ଟା ଜମିରେ ଘର ନିର୍ମାଣ କରିବାର ନିୟମ ରହିଥିବା ବେଳେ ସୁରିଆ ଥାନା ଜମିରେ ଘର କରିଥିଲେ। ଘର କରିବା ସମୟରେ ଦାରିଙ୍ଗବାଡି ଥାନା ପକ୍ଷରୁ ବାରମ୍ବାର ନିର୍ମାଣ କାର୍ଯ୍ୟ ବନ୍ଦ ପାଇଁ କୁହାଯାଇଥିଲେ ସୁଦ୍ଧା ପୁଲିସ ବିଭାଗର ନିର୍ଦ୍ଦେଶକୁ ଅବମାନନା କରି ଜବରଦସ୍ତ ଗୃହ ନିର୍ମାଣ କରିଥିଲେ ସୁରିଆ। ଶେଷରେ ପୁଲିସ ନାଚାର ହୋଇଥିଲା। ଏଭଳି ଭାବେ ସୁରିଆ ପୁଲିସକୁ ଏକ ପ୍ରକାର ଚାଲେଞ୍ଜ ଦେଇ ଥାନା ଜମିକୁ ଜବରଦଖଲ କରି ଘର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିଲେ। ବର୍ତ୍ତମାନ ସୁରିଆଙ୍କ ପରିବାର ଉକ୍ତ ଘରେ ରହୁଛନ୍ତି। ହେଲେ ଥାନାର ପାଚେରି ନିର୍ମାଣ କାର୍ଯ୍ୟ ଚାଲିଛି। ପାଚେରି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ ସୁରିଆଙ୍କ ପରିବାର ଲୋକଙ୍କୁ ଘରୁ ବାହାରିବା ଆଉ ସମ୍ଭବ ହେବ ନାହିଁ। ଦାରିଙ୍ଗବାଡି ପୁଲିସ ମନାକରିବା ସତ୍ତ୍ୱେ ଅମାନିଆ ହୋଇ ଘର ନିର୍ମାଣ କରିବା ସୁରିଆକୁ ବର୍ତ୍ତମାନ ମହାଙ୍ଗା ପଡ଼ିଛି। ଅନ୍ୟପଟେ ଥାନା ଜମିରେ ଘର ନିର୍ମାଣ କରିବା ବେଳେ ବ୍ଲକ ପ୍ରଶାସନ କିଭଳି ଜାଣିପାରିଲା ନାହିଁ ଓ ନିର୍ମାଣ କରିବାକୁ କିଏ ଓ କେଉଁଭଳି ପରିସ୍ଥିତିରେ ଅନୁମତି ଦେଲା ତାକୁ ନେଇ ଏବେ ପ୍ରଶ୍ନ ଉଠିଛି। ଏଭଳି କି ଉକ୍ତ ଘର କାର୍ଯ୍ୟର କିଭଳି ବିଲ୍ ହେଲା ତାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ଯଦି ବ୍ଲକ ପ୍ରଶାସନ ଏଥିପ୍ରତି ପୂର୍ବରୁ ଦୃଷ୍ଟି ଦେଇଥାନ୍ତା ତାହାଲେ ହୁଏତ ଆଜି ଏଭଳି ପରିସ୍ଥିତିରେ ଉପୁଜି ନଥାନ୍ତା ବୋଲି ସାଧାରଣରେ ଆଲୋଚନା ହେଉଛି।

## ଜିଲ୍ଲା ପ୍ରଶାସନ ଓ ଗ୍ରାମ ତରଙ୍ଗ ମଧ୍ୟରେ ନିଯୁକ୍ତିଭିତ୍ତିକ ଚୁକ୍ତି

**ପାରଳାଖେମୁଣ୍ଡି,୩୧।୭ (ସମିସ):** ଗଜପତି ଜିଲ୍ଲା ପ୍ରଶାସନ, ଜିଲ୍ଲା ଦକ୍ଷତା ବିକାଶ ନିୟୋଜନ କାର୍ଯ୍ୟାଳୟ ଓ ଗ୍ରାମ ତରଙ୍ଗ ମଧ୍ୟରେ ନିଯୁକ୍ତି ଭିତ୍ତିକ ତାଲିମ୍ ପାଇଁ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏଥିରେ ଜିଲ୍ଲା ତଥା ରାଜ୍ୟର ୧୮୦ ଜଣ ଦଶମ /ଯୁକ୍ତ ଦୁଇ / ଆଇଟିଆଇ / ଡିପ୍ଲୋମା ପାସ୍ ହୋଇଥିବା ଯୁବକ, ଯୁବତୀଙ୍କୁ ମାଗଣା ଆବାସିକ ତାଲିମ୍ ତଥା ନିଯୁକ୍ତିର ସୁଯୋଗ ଯୋଗାଇ ଦିଆଯିବ



ବୋଲି ସୂଚନା ପ୍ରଦାନ କରାଯାଇଛି। ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ସୌଭାଗ୍ୟ ସ୍ମୃତି ରଞ୍ଜନ ତ୍ରିପାଠୀ ଓ ଗ୍ରାମ ତରଙ୍ଗର ରାଜ୍ୟ ମୁଖ୍ୟ ସଞ୍ଜୀବ ମିଶ୍ରଙ୍କ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହାଦ୍ୱାରା ୧୮୦ ଜଣ ଯୁବକ ଯୁବତୀଙ୍କୁ ନିଯୁକ୍ତି ଭିତ୍ତିକ ସ୍ୱଳ୍ପ ମିଆଦି ତାଲିମ୍ ପ୍ରଦାନ କରାଯିବ।

## ବ୍ୟବସାୟୀ ସଙ୍ଘ ଓ ମନ୍ଦିର କର୍ମକର୍ତ୍ତାଙ୍କ ଚାରାରୋପଣ



**କ.ନୂଆଗାଁ,୩୧।୭ (ସମିସ):** ସାରଙ୍ଗଡ଼ ମା' ଦୁର୍ଗା ବଣିକ ସଙ୍ଘ ଏବଂ ବାଲୁଙ୍କେଶ୍ୱର ମନ୍ଦିର କର୍ମକର୍ତ୍ତା ମିଳିତ ଭାବେ ଚାରାରୋପଣ କରିଛନ୍ତି। ପ୍ରାୟ ଦୁଇ ଶହରୁ ଅଧିକ ଲିମ୍ବ, ଚମ୍ପା, ଅଶୋକ,ବଉଳ ଏବଂ ବିଭିନ୍ନ ଔଷଧୀୟ ଗଛ ମନ୍ଦିର ପରିସର, ପୋଖରୀ ହିଡ଼ ଏବଂ ଆଖପାଖରେ ରୋପଣ କରାଯାଇଥିଲା। ବଣିକ ସଙ୍ଘ ସଭାପତି କେଶବ ସାହୁ, ଚନ୍ଦ୍ର ଶେଖର ଦାସ, ସୂର୍ଯ୍ୟ ମହାରଣା, ରବୀନ୍ଦ୍ର ନାଥ ପଣ୍ଡା, ଧରଣୀଧର ପାଢ଼ୀ, ଗୌରାଙ୍ଗ ପାଢ଼ୀ, ଭଗବାନ ଦାସ, ଅଭିମନ୍ୟୁ ସାହୁ, ପୁରୁଷୋତ୍ତମ ସାହୁ, ସୁବାସ ବାରିକ ପାଢ଼ୀ ଯୋଗ ଦେଇଥିଲେ। ଚାରାରୋପଣ ପରେ ମନ୍ଦିର ପରିସରରେ ଏକ ସଭା ହୋଇଥିଲା।

# ୬ ମାସ ଗଲାନି; ଦବିଗଲା ପୋଲ

**ଫିରିଙ୍ଗିଆ,୩୧।୭ (ସମିସ):** ରାଜ୍ୟ ଓ କେନ୍ଦ୍ର ସରକାର ଗ୍ରାମାଞ୍ଚଳର ବିକାଶ ସହ ଗମନାଗମନର ସୁବିଧା ପାଇଁ ବିଭିନ୍ନ ବିଭାଗ ଜରିଆରେ କୋଟିକୋଟି ଟଙ୍କା ଖର୍ଚ୍ଚ କରି ପକ୍କା ରାସ୍ତା ସହ ଉନ୍ନତ ମାନର ସେତୁ ନିର୍ମାଣ କରୁଛନ୍ତି। କିନ୍ତୁ ରାଜ୍ୟର କିଛି ସ୍ଥାନରେ କିଛି ଅସାଧୁ ଠିକାଦାରଙ୍କ ସହ ନିର୍ମାଣ କାର୍ଯ୍ୟରେ ତଦାରଖ ଦାୟିତ୍ୱରେ ଥିବା କିଛି ଲାଞ୍ଚୁଆ ଯନ୍ତ୍ରୀ ଓ ଅଧିକାରୀଙ୍କ ମଧ୍ୟରେ ସଲାସୁତରା ଯୋଗୁ କାମ ଅତି ନିମ୍ନମାନର ହେଉଛି। ନିମ୍ନମାନର କାମ ଯୋଗୁଁ ସମ୍ପୂର୍ଣ୍ଣ ହେବାର ଅଳ୍ପ ଦିନ ମଧ୍ୟରେ ଭାଙ୍ଗିରୁଜି ଯାଉଛି। ଏଥିପାଇଁ ଅଞ୍ଚଳବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ସଲାଗୁଡା ପଞ୍ଚାୟତରେ ଏଭଳି ଏକ ନିମ୍ନ ମାନର କାମ ଦେଖିବାକୁ ମିଳିଛି। ସୂଚନା ଅନୁସାରେ ସଲାଗୁଡା ପଞ୍ଚାୟତରେ ଥିବା କନ୍ଧମାଳ ଜିଲ୍ଲାର ଅନ୍ୟତମ ପର୍ଯ୍ୟଟନ ସ୍ଥଳି କାଟ୍ରାମଲାକୁ ରାଜ୍ୟ ସରକାରଙ୍କ ଗ୍ରାମ୍ୟ ନିର୍ମାଣ ବିଭାଗ ଅଧୀନରେ ପକ୍କା




- ଯାତାୟାତ ପ୍ରଭାବିତ, ନିମ୍ନମାନର କାମ ଅଭିଯୋଗ
- ଠିକାଦାର ଓ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକାରୁ ଏପରି ଘଟିଥିବା ଅଭିଯୋଗ

ରାସ୍ତା ନିର୍ମାଣ ସହ ଉନ୍ନତିକରଣ କରାଯାଇଥିଲା। ଏହାର ଅଟକଳ ମୂଲ୍ୟ ୩,୭୬,୯୨.୦୨୭ ଟଙ୍କା ରହିଥିଲା ଓ ଏହି ନିର୍ମାଣ କାମ ଗତ ୯ ଡିସେମ୍ବର ୨୦୨୨ ରେ ଆରମ୍ଭ ହୋଇ ୫ ଫେବୃୟାରୀ ୨୦୨୩ରେ ଶେଷ ହେବା ପାଇଁ ସୂଚନା ଫଳକରେ ଲେଖାଯାଇଥିଲା। କିନ୍ତୁ ବିଭାଗୀୟ ଅବହେଳା ପାଇଁ କାମଟି ବହୁ ବିଳମ୍ବର ଅର୍ଥାତ ଗତ ଛଅ ମାସ ପୂର୍ବେ ଶେଷ ହୋଇଥିଲା। ସେତେବେଳେ ରାସ୍ତା କାମକୁ ଶୀଘ୍ର ସାରିବା ପାଇଁ ବିଭିନ୍ନ ମହଲରୁ ବହୁ ଅଭିଯୋଗ ହୋଇଥିଲା। ମୁଣ୍ଡାସାହି ଠାରୁ କାଟ୍ରାମାଲାକୁ ସଂଯୋଗ କରୁଥିବା ଏହି ରାସ୍ତା କାମ ସରିବାର ଛଅ ମାସ ହୋଇ ନଥିବା ବେଳେ ଲକ୍ଷାଧିକ ଟଙ୍କା ବ୍ୟୟ ଅଟକଳରେ ରାସ୍ତା ମଝିରେ ନିର୍ମାଣ କରାଯାଇଥିବା ପୋଲର ଛାତ ଦବି ଯାଇଛି। ଫଳରେ ଏହି ରାସ୍ତା ଦେଇ ଗମନାଗମନ



ବନ୍ଦ ହୋଇଯାଇଥିବା ବେଳେ କାଟ୍ରାମାଲା ଜଳପ୍ରପାତକୁ ଯିବା ପାଇଁ ପର୍ଯ୍ୟଟକ ନାହିଁ ନଥିବା ଅସୁବିଧାର ଆମ୍ମୁଖୀନ ହେଉଛନ୍ତି। ବିଭାଗୀୟ ଯନ୍ତ୍ରୀ, ଅଧିକାରୀ ଓ ଠିକାଦାରଙ୍କ ମଧ୍ୟରେ ସଲାସୁତରା ଯୋଗୁ କାମ ଅତି ନିମ୍ନମାନର ହୋଇଥିବା ଓ ପୋଲ ଦାବି ଯାଇଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ଅଞ୍ଚଳବାସୀ। ଫୁଲବାଣୀ ଗ୍ରାମ୍ୟ ନିର୍ମାଣ ବିଭାଗ ଅଧୀନରେ ଏହି କାମ ହୋଇଥିବା ବେଳେ ବିନାୟକ ରାଉତ ନାମକ ଜଣେ କନିଷ୍ଠ ଯନ୍ତ୍ରୀ ତଦାରଖ କରୁଥିଲେ। କାମକୁ ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ବରଗୋଛା ଗାଁର ଶାନ୍ତନୁ କୁମାର ଥାଟି ନାମକ ଜଣେ ଏ କ୍ଲାସ ଠିକାଦାର ନିର୍ମାଣ କରିଥିଲେ। ନିମ୍ନମାନର କାର୍ଯ୍ୟ ବିଷୟରେ ବିଭାଗ ଦାୟିତ୍ୱରେ ଥିବା ଏସଡ଼ିଓ ସୁଶୀଲ କୁମାର ମହାନ୍ତିଙ୍କୁ ପଚାରିବାରୁ ଚିରାଚରିତ ଅତି ଖାମଖିଆଲି ଢଙ୍ଗରେ କିଛି ଅସୁବିଧା ନାହିଁ। ପାଞ୍ଚବର୍ଷ ଯାଏ ରକ୍ଷଣାବେକ୍ଷଣ ଦାୟିତ୍ୱ ରହିଛି। ମରାମତି ହେଲେ ଠିକ ହୋଇଯିବ ବୋଲି କହିଛନ୍ତି।

## 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମ

କବିସୂର୍ଯ୍ୟନଗର,୩୧।୭ (ସମିସ): ସ୍ଥାନୀୟ ଡଃ. ଘନଶ୍ୟାମ ମିଶ୍ର ସଂସ୍କୃତ ମହାବିଦ୍ୟାଳୟ ପରିସରରେ ବୁଧବାର "ଏକ ପେଡ୍ ମା' କେ ନାମ୍' କାର୍ଯ୍ୟକ୍ରମରେ ଚାରାରୋପଣ କରାଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ. ଅବନୀ ରଞ୍ଜନ ମିଶ୍ର ସଭାପତିତ୍ୱ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦର୍ଶନ ବିଭାଗ ବରିଷ୍ଠ ଅଧ୍ୟାପକ ହେମନ୍ତ କୁମାର ଗନ୍ତାୟତ ମୁଖ୍ୟବକ୍ତାଭାବେ ଉପସ୍ଥିତ ଥିବା ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ଅଧ୍ୟାପକ ନରସିଂହ ପାଢ଼ୀ, ଅଧ୍ୟାପକ ଚିତ୍ତରଞ୍ଜନ ମିଶ୍ର, ଅଧ୍ୟାପିକା ରୁନି ପାଣିଗ୍ରାହୀ, ଗ୍ରନ୍ଥାଗାରିକା ସୁଇଟି ସ୍ୱାଇଁ, କିରାଣୀ ଧରିତ୍ରୀ ପ୍ରଧାନ, କର୍ମଚାରୀ ବାବୁଲା ମଣ୍ଡଳ ତଥା ଛାତ୍ରଛାତ୍ରୀମାନେ ଯୋଗଦେଇଥିବା ବେଳେ ଶାସ୍ତ୍ରୀ ଦ୍ୱିତୀୟ ବର୍ଷର ଛାତ୍ର ଅଜିତ୍ ପ୍ରସାଦ ପତି, ଛାତ୍ରୀ-ସସ୍ମିତା ପୋଲେଇ, ଅଙ୍କିତା ସାହୁ, ଟିକିନା ଗୌଡ଼, ସରିତା ପ୍ରଧାନ, ସଙ୍ଗୀତା ପ୍ରଧାନ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଅଧ୍ୟାପିକା ଡ଼ଃ.ସୌଭାଗ୍ୟ ମଞ୍ଜରୀ ନାଥ ସଭା ସଞ୍ଚାଳନ କରିଥିବା ବେଳେ ଅଧ୍ୟାପକ ପ୍ରଭାତ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।



## ନବାଗତ ଛାତ୍ରଛାତ୍ରୀଙ୍କ ସମ୍ବର୍ଦ୍ଧନା ଉତ୍ସବ

ଗଞ୍ଜାମ,୩୧।୭ (ସମିସ): ଗଞ୍ଜାମ ମହାବିଦ୍ୟାଳୟରେ +୩ ନବାଗତ ଛାତ୍ରଛାତ୍ରୀ (କଳା, ବାଣିଜ୍ୟ ଓ ବିଜ୍ଞାନ)ଙ୍କ ସମ୍ବର୍ଦ୍ଧନା ଉତ୍ସବ ଅଧ୍ୟକ୍ଷା ଡ. ସ୍ମରଣିକା ହୋତାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଆଇ.କ୍ୟୁ.ଏସି. ସଂଯୋଜକ ଅଧ୍ୟାପକ ଡ. ଲୋକନାଥ ମିଶ୍ର ମଞ୍ଚ ପରିଚାଳନା ପୂର୍ବକ ଛାତ୍ରଛାତ୍ରୀଙ୍କ ନୂତନ ଶିକ୍ଷାନୀତି- ବିଷୟରେ ଅବଗତ କରାଇଥିଲେ। ଆଭ୍ୟନ୍ତରୀଣ ଅଭିଯୋଗ ପ୍ରକୋଷ୍ଠର ସଂଯୋଜିକା ପ୍ରାଧ୍ୟାପିକା ମମତା ପାଢ଼ୀ ଯୌନ ଉତ୍ପୀଡନ ପ୍ରତିରୋଧ କିପରି ହେବ ସଚେତନ କରିଥିଲେ। ଅଧ୍ୟାପକ ଇଂରାଜୀ ବିଭାଗ ଡ. ଦୁର୍ଗା ପ୍ରସାଦ ଦାସ ମହାବିଦ୍ୟାଳୟରେ ଉପଲବ୍ଧ ଥିବା ବିଭିନ୍ନ ସେବା ଯଥା ଏନ୍‌ସିସି, ଏନ୍‌ଏସ୍‌ଏସ୍ ବିଷୟରେ ଆଲୋଚନା କରିଥିଲେ। ମୁଖ୍ୟ ମାର୍ଗଦର୍ଶକ ଅଧ୍ୟାପକ ଡ. ପୀତାମ୍ବର ବେହେରା ନବାଗତଙ୍କ ମଧ୍ୟରେ ଶୈକ୍ଷିକ ପରିବେଶ ସୃଷ୍ଟି ଲକ୍ଷ୍ୟ ଓ ଶୃଙ୍ଖଳିତ ଭାବରେ ପାଠ ପଢିଲେ ସୁନ୍ଦର ଭବିଷ୍ୟତ ଗଢିପାରିବେ ବୋଲି ମତବ୍ୟକ୍ତ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ମହାବିଦ୍ୟାଳୟର ବିଭିନ୍ନ ବିଭାଗର ଅଧ୍ୟାପକ, ଅଧ୍ୟାପିକାଙ୍କ ସମେତ ସମସ୍ତ ବିଭାଗର ନବାଗତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ତାଏକ୍ୱୋଣ୍ଡୋ ପ୍ରତିଯୋଗିତାରେ ଦିବ୍ୟାଂଶୀଙ୍କ ସଫଳତା

ପୁରୁଷୋତ୍ତମପୁର,୩୧।୭ (ସମିସ): ମେଘାଳୟରର ଶିଲଂ ସ୍ଥିତ ବିଡିଡ୍‌ବ୍ଲୁ ଆନ୍ତର୍ଜାତୀୟ ବିଦ୍ୟାଳୟରେ ଅନୁଷ୍ଠିତ ସିବିଏସ୍ଇ ଆଞ୍ଚଳିକ ତାଏକ୍ୱୋଣ୍ଡୋ ଚାମ୍ପିଅନସିପ୍-୨୦୨୫ରେ ଗଞ୍ଜାମ ତାଏକ୍ୱୋଣ୍ଡୋ ଖେଳାଳି ଦିବ୍ୟାଂଶୀ ବେହେରା ୧୪ ବର୍ଷରୁ କମ୍ ଓ ୩୮ କେଜିରେ ପ୍ରଶିକ୍ଷକ ଇ. ଲଳିତ କୁମାରଙ୍କ ତତ୍ତ୍ୱାବଧାନରେ ଅଂଶଗ୍ରହଣ କରିଥିଲେ। ଦିବ୍ୟାଂଶୀ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଗଞ୍ଜାମ ଛେଣ୍ଡିପଦର କ୍ଲୋରଫିଲ୍ ସ୍କୁଲ୍‌ର ସପ୍ତମ ଶ୍ରେଣୀର ଛାତ୍ରୀ ହେଉଛନ୍ତି ଦିବ୍ୟାଂଶୀ। ତାଙ୍କର ଏହି ସଫଳତାରେ ତାଏକ୍ୱୋଣ୍ଡୋ ସଂଘର ଜିଲ୍ଲା ସମ୍ପାଦକ କେ. ମନୋଜ ପ୍ରଧାନ ଏବଂ ଓଡିଶା ତାଏକ୍ୱୋଣ୍ଡୋ ସଂଘର ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ ଦିବ୍ୟାଂଶୀ ଏବଂ କୋଚ୍ ଇ. ଲଳିତ କୁମାରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଦିବ୍ୟାଂଶୀ ହେଉଛନ୍ତି, ପୁରୁଷୋତ୍ତମପୁର ସହର ବାସିନ୍ଦା ତଥା ଖଲ୍ଲିକୋଟ ନିର୍ବଚନମଣ୍ଡଳୀ କଂଗ୍ରେସ ବିଧାୟକ ପ୍ରାର୍ଥୀ ଚିତ୍ରସେନ ବେହେରା ଓ ମାତା ସୁଜାତା କୁମାରୀ ବେହେରାଙ୍କ କନ୍ୟା।




## ଜିଲ୍ଲାପାଳଙ୍କୁ ଭେଟିଲା ଆଦିବାସୀ ଲୋକ ସଂଗଠନ

ଛତ୍ରପୁର,୩୧।୭ (ସମିସ): ଖଲ୍ଲିକୋଟ ତହସିଲର ମିନାପୁର, ଫାସୀଖୋଲ, ଖଜୁରି ସାହି, କୁମାର ସିଂ, ଛକାସିଂ, ଦେବୀଝର, ମରେଇ ନୂଆଗାଁ, ଖଣ୍ଡିଆନାଳ ଓ ନେଲୁସିଂ ଗ୍ରାମର ଦାବିଦାର ମାନଙ୍କୁ ଜଙ୍ଗଲ ଅଧିକାର ଶିରୋନାମା ଆଇନ ମୁତାବକ ପ୍ରଦାନ କରିବା ଦାବି ନେଇ ଭିଟାମାଟି ସୁରକ୍ଷା ଅଭିଯାନ ଗଞ୍ଜାମ ଆଦିବାସୀ ଲୋକ ସଂଗଠନ ପକ୍ଷରୁ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କୁ ଭେଟି ଦାବିପତ୍ର ପ୍ରଦାନ କରାଯାଇଛି। ମାର୍ଚ୍ଚ ସୁଦ୍ଧା ଜଙ୍ଗଲ ଅଧିକାର ଶିରୋନାମା ଦିଆଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ, ଜୁଲାଇ ଶେଷ ହେଲାଣି ସେମାନଙ୍କୁ କେବେ ଶିରୋନାମା ମିଳିବ, ତୁରନ୍ତ ଏହା ପ୍ରଦାନ ପାଇଁ ଦାବି କରିଛନ୍ତି। ଏହି ଅବସରରେ ରମେଶ ଶବର, ଲାଖିଆ ଶବର, ବିଜୟ ସ୍ୱାଇଁଙ୍କ ସମେତ ବହୁ ଆଦିବାସୀ ଜିଲ୍ଲାପାଳଙ୍କୁ ଭେଟି ସେମାନଙ୍କ ସମସ୍ୟା ସମ୍ପର୍କରେ ଅବଗତ କରାଇଛନ୍ତି।



## ପୂର୍ବବର୍ଷ ଭଳି ଚାଷୀ ପଞ୍ଜୀକରଣ କରାଯାଉ



ଛତ୍ରପୁର,୩୧।୭ (ସମିସ): ପୂର୍ବ ବର୍ଷ ଭଳି ଧାନ କିଣା ପଞ୍ଜିକରଣ କରି ଚାଷୀ ଓ ଭାଗ ଚାଷୀଙ୍କ ଧାନ କିଣିବା ସମେତ ବିଭିନ୍ନ ଦାବି ନେଇ ବୁଧବାର ଋଷିକୂଲ୍ୟା ରୟତ ମହାସଭା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କୁ ଭେଟି ପ୍ରଦାନ କରିଛନ୍ତି। ଏହାସହ ଚାଷୀଙ୍କ ବିଭିନ୍ନ ସମସ୍ୟା କିପରି ସମାଧାନ ହୋଇପାରିବ ସେଥିନିମନ୍ତେ ଚାଷୀ ଏବଂ ଚାଷୀନେତା ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ନୂଆ ନିୟମ ଅନୁଯାୟୀ ପୂର୍ବ ପୁରୁଷ ନାମରେ ଥିବା ପଟ୍ଟା ଏବଂ ଯୁଗ୍ମ ପଟ୍ଟାଧାରୀଙ୍କ ପଞ୍ଜିକରଣ ନିମନ୍ତେ ଉତ୍ତରାଧିକାରୀଙ୍କ ପ୍ରମାଣ ପତ୍ର ଏବଂ ତାଙ୍କର ଅନୁମତି ଆଣିଲେ ହିଁ ପଞ୍ଜିକରଣ ହୋଇପାରିବ। ଏହାଦ୍ୱାରା ଚାଷୀ ହଇରାଣ ହେଉଛନ୍ତି। ଏଣୁ ପ୍ରତି ଗ୍ରାମର ଧାନ କିଣା କମିଟିର ଲିଖିତ ପରାମର୍ଶ ଏବଂ ରାଜସ୍ୱ ଅଧିକାରୀ ଓ କୃଷି କର୍ମଚାରୀଙ୍କ ଯାଞ୍ଚ ରିପୋର୍ଟ ଅନୁଯାୟୀ ପଞ୍ଜିକରଣ କଲେ ଚାଷୀଙ୍କ ସୁବିଧା ହେବାସହ ପଞ୍ଜିକରଣରେ ସ୍ୱଚ୍ଛତା ରହିପାରିବ। ଜିଲ୍ଲାରେ ଦୀର୍ଘ ୪୦ ବର୍ଷ ହେଲା ସେଟଲମେଣ୍ଟ୍ କ୍ୟାମ୍ପ ହୋଇ ନଥିବାରୁ ଜମି ଜମା ରେକର୍ଡର ସଂଶୋଧନ ହୋଇନାହିଁ। ଫଳରେ ଚାଷୀ ଦସ୍ତାବିଜ ସହିତ ସିସ୍ତ ରସିଦ ଦେଲେ ପଞ୍ଜିକରଣ ହେଉଥିଲା। ଏଣୁ ଯୁଗ୍ମ କମିଟିର ଯାଞ୍ଚ ରିପୋର୍ଟ ଅନୁଯାୟୀ ତାଙ୍କ ନାମ ପଞ୍ଜିକରଣ କରାଯାଉ ବୋଲି ମଧ୍ୟ ମହାସଭା ପକ୍ଷରୁ ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଜଳସେଚନର ସୁବ୍ୟବସ୍ଥା କରିବା ବୀମା ଗୁଡିକ କିପରି ଚଞ୍ଚକତା କରି ଚାଷୀଙ୍କୁ ଠକିଛନ୍ତି ତାହାର ଉପରେ ମଧ୍ୟ କୁହାଯାଇଛି। ଦାବିପତ୍ର ପ୍ରଦାନ ବେଳେ ଋଷିକୂଲ୍ୟା ରୟତ ମହାସଭା ସମ୍ପାଦକ ସୀମାଞ୍ଚଳ ନାହାକଙ୍କ ସମେତ ଅନ୍ୟାନ୍ୟ ଚାଷୀ ଓ ଚାଷୀନେତା ଉପସ୍ଥିତ ଥିଲେ।

## ଜିଲ୍ଲାପାଳଙ୍କୁ ଭେଟିଲା କୃଷକ ସଂଘ

ଛତ୍ରପୁର,୩୧।୭ (ସମିସ): ଖରିଫ ଧାନ ସଂଗ୍ରହ ନିମନ୍ତେ ପଞ୍ଜୀକୃତ ସକାଶେ ଆବଶ୍ୟକ ହେଉଥିବା ଜମିଜମା ମାଲିକାନା ସମ୍ବନ୍ଧୀୟ ତ୍ରୁଟି ହେତୁ ଅନେକ ଚାଷୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଚାଷୀଙ୍କୁ କୋହଳ ନିୟମ କରି ପୂର୍ବ ପ୍ରଚଳିତ ନିୟମାନୁଯାୟୀ ପଞ୍ଜୀକୃତ କରି ଚାଷୀଙ୍କ ଧାନ କିଣିବା ଦାବିନେଇ ଛତ୍ରପୁର ବ୍ଲକ ଅନ୍ତର୍ଗତ ପୋଟଲାମପୁର ପଞ୍ଚାୟତର ବାଣଲିଙ୍ଗେଶ୍ୱର କୃଷକ ସଂଘ ପକ୍ଷରୁ ଏକ ଦାବିପତ୍ର ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କୁ ଭେଟି ପ୍ରଦାନ କରିଛନ୍ତି। ଏହା ସହିତ ଚାଷୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କ ମଧ୍ୟ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିଲେ। ଚଳିତ ବର୍ଷ ଖରିଫ ଧାନ ସଂଗ୍ରହ ନିମନ୍ତେ ଯେଉଁ ପଞ୍ଜୀକୃତ ବ୍ୟବସ୍ଥିତ ନିୟମ ପ୍ରଚଳନ କରାଯାଇଛି ସେଥିରେ ଅସୁବିଧା ହେଉଛି। ଏଣୁ ଏଥିରେ କୋହଳ କରିବା ନିମନ୍ତେ ସେମାନେ ଦାବି କରିଛନ୍ତି। ଏହାବ୍ୟତୀତ ଗତ ଲଗାଣ ବର୍ଷାରେ କ୍ଷତି ହୋଇଥିବା ଶସ୍ୟର ବୀମା ଅର୍ଥ ଏଯାବତ ଶତକଡା ୨୦ ଭାଗ ଚାଷୀ ପାଇଛନ୍ତି, ବଳକା ଚାଷୀ କାହିଁକି ବୀମା ଅର୍ଥ ପାଇନାହାନ୍ତି ତଦନ୍ତ କରି ସହାୟତା ପ୍ରଦାନ କରିବା ନିମନ୍ତେ କୃଷକ ସଂଘ ପକ୍ଷରୁ କୁହାଯାଇଛି। ଦାବିପତ୍ର ପ୍ରଦାନ ବେଳେଶ୍ରୀ ଶ୍ରୀବାଣଲିଙ୍ଗେଶ୍ୱର କୃଷକ ସଂଘର ରାଜେନ୍ଦ୍ର ନାହାକ, ପ୍ରବାସୀ ପ୍ରଧାନ, ଗଣପତି ବାରିକ, ପୋଟଲାମପୁର ସରପଞ୍ଚ ନିରଞ୍ଜନ ପ୍ରଧାନ, ସମିତି ସଭ୍ୟ ଶମ୍ଭୁନାଥ ସ୍ୱାଇଁଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ।



## ପିପୁଲ୍ସ କଲେଜର ପ୍ରତିଷ୍ଠା ଦିବସ

ବୁଗୁଡ଼ା,୩୧।୭ (ସମିସ): ସ୍ଥାନୀୟ ପିପୁଲ୍ସ କଲେଜର ୪୮ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। କଲେଜର ସମ୍ମିଳନୀ କକ୍ଷରେ ଆଇକ୍ୟୁଏସି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଡ. ପୁରୁଷୋତ୍ତମ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା ବେଳେ ମୁଖ୍ୟ ଅତିଥି ଭାବେ ପିପୁଲ୍ସ କଲେଜର ପ୍ରତିଷ୍ଠାତା ସଦସ୍ୟ ଡାକ୍ତର ଦୟାନିଧି ରାଉତ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ବରିଷ୍ଠ ସାହିତ୍ୟିକ ଡ.ଶ୍ୟାମା ପ୍ରସାଦ ମିଶ୍ର, ସମ୍ମାନୀତ ଅତିଥି ଭାବେ କଲେଜ ଉପାଧ୍ୟକ୍ଷ ହରିକୃଷ୍ଣ ନାୟକ ଯୋଗ ଦେଇଥିଲେ। ପ୍ରତିଷ୍ଠାତା ସଦସ୍ୟ କାଳୀ ଚରଣ ନାୟକ, ବୀର କିଶୋର ଦାଶ, ରେବତୀ ମୋହନ ନାୟକ, ସୁଶାନ୍ତ ରାଉତ, ଗୌତମ ଜେନା, କାଳୀଚରଣ ସ୍ୱାଇଁ, ନବଘନ ନାୟକ, ଆଦିକନ୍ଦ ଆରୁଖ ଓ ରାମ ନାରାୟଣ ସାହୁ ପ୍ରମୁଖଙ୍କ ଅବଦାନ ସମ୍ପର୍କେ ଆଲୋଚନା କରାଯାଇଥିଲା। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ଡ.ପ୍ରଦୀପ କୁମାର ଦାଶ ଅତିଥି ପରିଚୟ ପ୍ରଦାନ, ଆଇକ୍ୟୁଏସି କୋ-କୋଅର୍ଡିନେଟର ଅଧ୍ୟାପକ ଆମପ୍ରକାଶ ନାୟକ ମହାବିଦ୍ୟାଳୟର ସଂକ୍ଷିପ୍ତ ବିବରଣୀ ପଠନ ଏବଂ ପରିଶେଷରେ କୋଅର୍ଡିନେଟର ଅଧ୍ୟାପକ ସୁଶାନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



## ବୁଦ୍ଧିଜୀବୀ ମଞ୍ଚର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ



ରମ୍ଭା/ଗଞ୍ଜାମ,୩୧।୭ (ସମିସ): ଗଞ୍ଜାମ ଏନ୍‌ଏସି ଅର୍ନ୍ତଗତ ଯଶୋଦା ମହିଳା ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ବୁଦ୍ଧିଜୀବୀ ମଞ୍ଚ ପକ୍ଷରୁ ଏକ ସମ୍ବର୍ଦ୍ଧନା ଉତ୍ସବ ପ୍ରାକ୍ତନ ପ୍ରଧାପକ ଗୋବିନ୍ଦ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଯୋଗ ଦେଇଥିଲେ। ଲୋକ ସେବକ ମଣ୍ଡଳ ରାଷ୍ଟ୍ରୀୟ କୋଷାଧ୍ୟକ୍ଷ ରାଜେନ୍ଦ୍ର କୁମାର ଜେନା ଓ ବରିଷ୍ଠ ସାମ୍ବାଦିକ ସୁଦର୍ଶନ ଛୋଟରାୟଙ୍କ ଜୀବନୀ ସମ୍ପର୍କରେ ମଞ୍ଚାସୀନ ଅତିଥିମାନେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ସିପିଏମ ନେତା ଅଲିକିଶୋର ପଟ୍ଟନାୟକ, ସମ୍ମାନୀତ ଅତିଥିଭାବେ ଗଞ୍ଜାମ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ତହସିଲଦାର ସୁକାନ୍ତ ମିଶ୍ର, ବିଡ଼ିଓ ଅଚ୍ୟୁତାନନ୍ଦ ଯାନୀ, ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ ପ୍ରମୁଖ ଯୋଗଦେଇ ଥିଲେ। ବୁଦ୍ଧିଜୀବୀ ମଞ୍ଚ ଆବାହକ ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଜୟ କୁମାର ବିଶ୍ୱାଳ ପ୍ରାରମ୍ଭିକ ସୂଚନା ଦେଇଥିଲେ। ପରେ ଅତିଥିମାନେ ରାଜେନ୍ଦ୍ର କୁମାର ଜେନା ଓ ସୁଦର୍ଶନ ଛୋଟରାୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଗୌରୀଶଙ୍କର ପାଢୀ, ମହେଶ୍ୱର ବରାଡ, ରବୀନ୍ଦ୍ର ମହାନ୍ତି, ଦିଲ୍ଲୀପ ଛୋଟରାୟ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ସାମାଜିକକର୍ମୀ ମଙ୍ଗରାଜ ପଣ୍ଡା, ଗଞ୍ଜାମ ବ୍ଲକର ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି ବାନାମ୍ବର ପଲେଇ, ସଂପାଦକ ବାଳକୃଷ୍ଣ ମହାରଣା, ସମାଜସେବୀ ସୁଧୀର ପାଢୀ, ସାମ୍ବାଦିକ ବିଦ୍ୟାଧର ସାହୁ, ମନୋଜ ପ୍ରଧାନ, ପ୍ରଦୀପ ପଣ୍ଡା, ଦୁର୍ଗାମାଧବ ପାଣିଗ୍ରାହୀ, ବିନୋଦ ପଲେଇ, ପ୍ରଭାତ ମହାରଣା, ମହାପ୍ରସାଦ ମହାପାତ୍ର, ପ୍ରଶାନ୍ତ ମହାରଣା, ସରୋଜ ସାମଲ, ମିଥୁନ ବାରିକ, ଯଶୋଦା ମହିଳା ଡିଗ୍ରୀ କଲେଜର ଅଧ୍ୟାପକ/ ଅଧ୍ୟାପିକା ମାନେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ସ୍ୱାସ୍ତିକ ସୁନ୍ଦର ସଂଯୋଜନା କରିଥିବା ବେଳେ ଶବର ତରେଇ ଧନ୍ୟବାଦ ଅର୍ପଣ କରିଥିଲେ।

## ସମୁଦ୍ରକୂଳ ରାସ୍ତା କାମ ଅଧପନ୍ତରିଆ



ହୁମ୍ମା,୩୧।୭ (ସମିସ): ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ଅଳେଶ୍ୱର ଶୈବପୀଠ ସମୁଦ୍ର କୂଳକୁ ଯିବାକୁ ରାସ୍ତା ନିର୍ମାଣରେ ଅନିୟମିତତା ଅଭିଯୋଗ ହୋଇଛି। ସୂଚନା ଫଳକ ବୋଡର୍‌ରେ ଅଟକଳ ମୂଲ୍ୟ କିମ୍ବା କୌଣସି ସୂଚନା ଦିଆଯାଇନାହିଁ। ସମୁଦ୍ର କୂଳ ରାସ୍ତାରେ ପ୍ରାୟ ୯୦ ମିଟର ପର୍ଯ୍ୟନ୍ତ ନିମ୍ନମାନର ପେଭର ବ୍ଲକ ଓ ଆବଶ୍ୟକ ମୁତାବକ ବାଲି ଗୋଡ଼ି ଓ କଂକ୍ରିଟ ପଡ଼ିନଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଅଳେଶ୍ୱର ଶୈବପୀଠ ନିକଟରୁ ସମୁଦ୍ର କୂଳକୁ ରାସ୍ତା ପ୍ରାୟ ୪୦୦-୫୦୦ମିଟର ଲମ୍ବ। କିନ୍ତୁ ଫେବର ବ୍ଲକ ପଡ଼ିଛି ୯୦ ମିଟର। ବାକି ରାସ୍ତା କାହିଁକି ନିର୍ମାଣ କରଯାଇ ନାହିଁ ଏହାର ତଦନ୍ତ ଆବଶ୍ୟକ ହୋଇପଡିଛି। ଅଳେଶ୍ୱର ଶୈବପୀଠକୁ ଶ୍ରାବଣ ମାସରେ ଶତାଧିକ କାଉଡ଼ିଆ ଆସୁଥିବାବେଳେ ରାସ୍ତା ନଥିବାରୁ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ସେହିପରି ପର୍ଯ୍ୟଟକମାନେ ଅଳେଶ୍ୱର ସମୁଦ୍ର କୂଳ ମୁହାଁ ନହୋଇ ବଟେଶ୍ୱର ପୀଠକୁ ଯାଉଛନ୍ତି। ତେଣୁ ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ଲୁହା ରଡ଼ରେ ଆକ୍ରମଣ; ଅଭିଯୁକ୍ତ ଗିରଫ

ସାନଖେମୁଣ୍ଡି,୩୧।୭ (ସମିସ): ପାଟପୁର ଥାନା ରାଧାଦେଇପୁର ଗ୍ରାମରେ ସ୍ୱାମୀ ଓ ସ୍ତ୍ରୀଙ୍କୁ ଆକ୍ରମଣ ଅଭିଯୋଗରେ ପାଟପୁର ପୁଲିସ ରାଧାଦେଇପୁର ଗ୍ରାମର ସନ୍ତୋଷ ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ମଙ୍ଗଳବାର ରାଧାଦେଇପୁର ମହାନ୍ତି ସାହିର ପଦି ସାହୁ ଘର ସାମ୍ନାରେ ଥିବା ବର୍ଷାପାଣି ବାହାର କରିବାବେଳେ ସନ୍ତୋଷ ତାଙ୍କୁ ଗାଳିଗୁଲଜ କରିବା ସହ ତାଙ୍କୁ ଓ ତାଙ୍କ ସ୍ୱାମୀ ନିରଞ୍ଜନଙ୍କୁ ଲୁହା ରଡ଼ରେ ଆକ୍ରମଣ କରିଥିଲେ। ନିରଞ୍ଜନଙ୍କ ପୁଅ ସୀମାଞ୍ଚଳ ପାଟପୁର ଥାନାରେ ଅଭିଯୋଗ କରିବାରୁ ଥାନା ଅଧିକାରୀ ଦୀପ୍ତି ରଞ୍ଜନ ବେହେରା ଏକ ମାମଲା ରୁଜୁ କରି ବୁଧବାର ଅଭିଯୁକ୍ତ ସନ୍ତୋଷକୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି।

## ଶଙ୍କୁରୀବନ୍ଧ ବିକାଶ କାର୍ଯ୍ୟ ତଦାରଖ କଲେ ବିଧାୟକ



ପାରଳାଖେମୁଣ୍ଡି,୩୧।୭ (ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ଶଙ୍କୁରୀ ବନ୍ଧର ଚାଲୁ ରହିଥିବା ବିକାଶ କାର୍ଯ୍ୟର ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ ତଦାରଖ କରିଥିଲେ। ୭୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଏହି ବନ୍ଧର ନିର୍ମାଣ କାର୍ଯ୍ୟ ମାନ ଠିକ୍ ରଖିବା ସହ ବନ୍ଧର ଚାରିପଟେ ରକ୍ଷଣାବେକ୍ଷଣକୁ ଗୁରୁତ୍ୱ ଦେବାକୁ କହିଥିଲେ। ବିଧାୟକଙ୍କ ପରିଦର୍ଶନ ଓ ତଦାରଖ ବେଳେ ପୂର୍ତ୍ତ ବିଭାଗ ଯନ୍ତ୍ରୀ ଓ କର୍ମଚାରୀ ଉପସ୍ଥିତଥିଲେ।

## ପୂର୍ବତନ ସରପଞ୍ଚଙ୍କ ରିଲେ ଅନଶନ ସ୍ଥଳରେ ବିଧାୟକ

ପାରଳାଖେମୁଣ୍ଡି,୩୧।୭ (ସମିସ): ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରଧାନଶିକ୍ଷକଙ୍କ ବିରୋଧରେ ରାୟଗଡ଼ର ପୂର୍ବତନ ସରପଞ୍ଚଙ୍କ ରିଲେ ଅନଶନ ସ୍ଥଳରେ ପହଞ୍ଚିଛନ୍ତି ମୋହନା ବିଧାୟକ ଦାଶରଥି ଗମାଙ୍ଗ। ପୂର୍ବତନ ସରପଞ୍ଚ ଦୀପ୍ତିପ୍ରଭାଲାଲ୍ ଶବର ରାୟଗଡସ୍ଥିତ ସରକାରୀ ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ୫ ଦଫା ଦାବିନେଇ ରିଲେ ଅନଶନ କରୁଛନ୍ତି। ବିଧାୟକ ତଥା କଂଗ୍ରେସ ଜିଲ୍ଲା ସଭାପତି ଦାଶରଥି ଗମାଙ୍ଗ ଶ୍ରୀ ଶବରଙ୍କୁ ଭେଟି ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ବିଧାୟକଙ୍କ ସହ କଂଗ୍ରେସର ବରିଷ୍ଠ ନେତା ଈଶ୍ୱରଚନ୍ଦ୍ର ମାଝୀ, ଜସ୍ମିନ୍ ଶେଖ୍‌ଙ୍କ ସହ ବହୁ ନେତା ଉପସ୍ଥିତ ଥିଲେ।



## ଘର ଆଗରୁ ବାଇକ୍ ଚୋରି

ହୁମ୍ମା,୩୧।୭ (ସମିସ): ଖଟୁଆକୁଦା ଗ୍ରାମର ଆଲୋକ ନାହାକ(୨୦)ଙ୍କ ବାଇକ ଘର ଆଗରୁ ଚୋରି ହୋଇଯାଇଥିବା ହୁମ୍ମା ଫାଣ୍ଡିରେ ସେ ଲିଖିତ ଅଭିଯୋଗ କରିଛନ୍ତି। ମଙ୍ଗଳବାର ରାତିରେ ତାଙ୍କ ବାଇକ୍ (ନଂ. ଓଡ଼ି୦୭ଏଟି-୨୨୮୭) ରଖିଥିବାବେଳେ ରାତି ପ୍ରାୟ ୨ଟାରେ ତାଙ୍କ ବାପା ମନୋଜ ବାହାରକୁ ଉଠି ବାଇକ୍ ନଥିବା ଦେଖିଥିଲେ।

## ବିଏସ୍‌ଏନ୍‌ଏଲ୍ ନେଟୱର୍କ; ରହୁଛି କମ୍, ଯାଉଛି ବେଶି



### ଜରୁରିକାଳୀନ ସେବା ବାଧାପ୍ରାପ୍ତ

### କାର୍ଯ୍ୟାଳୟରେ ତାଲା, ଅଭିଯୋଗ କରିବେ କାହାକୁ?

ଶେରଗଡ,୩୧।୭ (ସମିସ): ଶେରଗଡ ଅଞ୍ଚଳରେ ବିଏସ୍‌ଏନ୍‌ଏଲ୍ ବ୍ରଡ଼ବ୍ୟାଣ୍ଡ ଓ ୩-ଜି ସେବା ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ଏହାର ତ୍ରୁଟି ସୁଧାରିବା ଲାଗି କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ କରୁନଥିବାରୁ ବହୁ ଉପଭୋକ୍ତା ବିଏସ୍‌ଏନ୍‌ଏଲ୍ ସେବାରୁ ମୁହଁ ଫେରାଇ ନେଲେଣି। ବିଦ୍ୟୁତ କଟିଲେ ନେଟ୍‌ୱର୍କ ଚାଲିଯାଉଛି। ଫଳରେ ଜରୁରିକାଳୀନ ସେବା ବନ୍ଦ ସହ ଯୋଗାଯୋଗ ଲାଗି ନାହିଁ ନଥିବା ସମସ୍ୟା ଉପୁଜୁଛି। ରୋଗୀଙ୍କ ସକାଶେ ଆବଶ୍ୟକ ପଡୁଥିବା ଆମ୍ବୁଲାନ୍ସ ପାଇଁ କଲ୍ କଲେ ଲାଗୁନାହିଁ। ବିଶେଷତଃ ବ୍ଲକ କାର୍ଯ୍ୟାଳୟ ଜରିଆରେ ଚାଲିଥିବା ମନରେଗା, ଉନ୍ନୟନ ମୂଳକ ଯୋଜନା ଏକପ୍ରକାର ଅଚଳ ହୋଇପଡିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ମଷ୍ଟର ରୋଲ କାର୍ଯ୍ୟାବଳୀ ଓ ଜବ୍‌କାର୍ଡ ସଂଯୋଜନା ହୋଇ ପାରୁନଥିବାରୁ କାମର ନିୟମିତ ସୂଚି ଦାଖଲ ସହ ଶ୍ରମଜୀବୀଙ୍କ ଆକାଉଣ୍ଟକୁ ଟଙ୍କା ପଠାଇବାରେ ଅସୁବିଧା ହେଉଛି। ଶେରଗଡ ସହର ସମେତ ବ୍ଲକର ବହୁ ଗ୍ରାମାଞ୍ଚଳରେ ବିଏସଏନଏଲ ସେବା ବାରମ୍ବାର ଫେଲ୍ ଯୋଗୁ ଲୋକେ ହୀନସ୍ତା ହେଉଛନ୍ତି। ଘଣ୍ଟା ଘଣ୍ଟା ଧରି ନେଟୱାର୍କ ନରହିବା ଯୋଗୁ ବହୁ ସରକାରୀ ଓ ବେସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଏନେଇ ବିଏସଏନଏଲ କାର୍ଯ୍ୟାଳୟକୁ ଯୋଗାଯୋଗ କରିବା ଲାଗି ଗଲାବେଳେ ସେଠାରେ କୌଣସି ଅଧିକାରୀଙ୍କ ଦେଖା ନଥିଲା ଏବଂ ଅଫିସରେ ତାଲା ଝୁଲୁଥିବା ଦେଖିବାକୁ ମିଳିଥିଲା। ତେଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଭଣ୍ଡାରୀ ସମାଜ କୋଠଘରର ଭିତ୍ତିପ୍ରସ୍ତର ସ୍ଥାପନ



ଛତ୍ରପୁର,୩୧।୭ (ସମିସ): ଜାତୀୟ ପଞ୍ଚାୟତ ପୁରସ୍କାର ୨୦୨୪-୨୫ ରାଶିରେ ଛତ୍ରପୁର ବ୍ଲକ ପକ୍ଷରୁ ଆର୍ଯ୍ୟପଲ୍ଲୀ ପଞ୍ଚାୟତର ସାନଆର୍ଯ୍ୟପଲ୍ଲୀ ଗ୍ରାମ ସ୍ଥିତ ଓଁକାରେଶ୍ୱର ମନ୍ଦିର ସମ୍ମୁଖରେ ଭଣ୍ଡାରୀ ସମାଜର କୋଠଘର ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ଅନୁଷ୍ଠିତ ହୋଇଛି। ବ୍ଲକ ଅଧ୍ୟକ୍ଷା କିରଣ କୁମାରୀ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ନଡ଼ିଆ ଭାଙ୍ଗି ଭିତ୍ତିପ୍ରସ୍ତର ଫଳକ ଉନ୍ମୋଚନ କରିଛନ୍ତି। ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ମୁନା ଦାସ, ଆର୍ଯ୍ୟପଲ୍ଲୀ ସରପଞ୍ଚ ତ୍ରିଲୋଚନ ବେହେରା, ସମିତିସଭ୍ୟା ଚୁମକୀ ସେଠି, ଏସ. ଚକ୍ରପାଣି ରେଡ୍ଡୀ, ସୁଜ୍ଞାନୀ ସେଠି, ଏନ. ରମେଶ ରେଡ୍ଡୀ, ଏନ୍ ମୁନା ପାତ୍ର ପ୍ରମୁଖ ସମିତିସଭ୍ୟାଙ୍କ ସହ ଅଭିରାମ ପ୍ରଧାନ, ଗଙ୍ଗା ସେଠୀ, ଭଣ୍ଡାରୀ ସମାଜର ତେର ତାଲୁକା ସଭାପତି ଓ ସମ୍ପାଦକ ଉପସ୍ଥିତ ଥିଲେ। ନିର୍ମାଣ ସକାଶେ ଅଟକଳ ମୂଲ୍ୟ ୫ ଲକ୍ଷ ଟଙ୍କା ରଖାଯାଇଛି।

